ବିଦୁରଙ୍କର ବାରୁଣାବନ୍ତ ଗମନ
ଶ୍ରାବଣ ଶୁକଳ ଯେ ଚତୁର୍ଦ୍ଦଶୀ ଦିନ
ଭୃଗୁବାର ଉତ୍ତରାଷାଢା ନକ୍ଷତ୍ର ବିଦ୍ୟମାନ ।୧ ।
ସେ ଦିନ ବିଦୁର ଗଲେ ବାରୁଣାବନ୍ତଙ୍କୁ
ରାତ୍ର ଅଢାଇ ପ୍ରହରେ ଭେଟିଲେ ଜଦୁର ଘରଦ୍ୱାରକୁ ।୨ ।
ବାଉନ ବାଉନ ଭାର ବେନି ଗଦା ଧରି
ରାତ୍ର କାଳେ ବୁଲଇ ଭୀମ ଜଦୁଘରେ ବେଢି ।୩ ।
ବିଦୁରକୁ ଦେଖି ଭୀମ ଡାକ ଦିଲା କେ କେ ଟି ରେ
ଆପଣାର କାର୍ଯ୍ୟ ବୋଲି ମିଳିଲେ କତିରେ ।୪ ।
ବିଦୁରଙ୍କୁ ଭୀମସେନ କରଇ ନମସ୍କାର
ବାବୁ ତୂନୀ ହୋଇ ଯାଇ ତୁ ଯୁଝେଷ୍ଠିଙ୍କି ହକାର ।୫ ।
ତୂନୀ କରି ତୋଳି ଆଣଇ ଯୁଝେଷ୍ଠିଙ୍କି
ଯୁଝେଷ୍ଠି ବିନୋଇ ହୋଇଲେ ଯେ ବିଦୁରଙ୍କଇ ଦେଖି ।୬ ।
ବିଦୁରେ ବୋଇଲେ ତଲେ କରିଥାସି ମନେ
ବିମ୍ବର ଗୋଟାଏ ଫୁଟିବଟି ଜଦୁଘର ଥାନେ ।୭ ।
ଖଲ୍ୟକାର ଟସ୍କରକୁ କରିବଟି ଅନେକ ଗଉରୋବ
ତାହାର ପ୍ରସାଦେ ତୁମ୍ଭେ ଗୋପ୍ୟାନେ ପାର ହୋଇ ଯିବ ।୮ ।
କଉରୋବେ ତୁମ୍ଭନ୍ତ ଝିଙ୍ଘାସ କରିବେ ଅନେକ
ଭଲେ ପାରି ହୋଇଯାଅ ସମୟେକ ।୯ ।
ତୁମ୍ଭଙ୍କୁ ସାହାପକ୍ଷ ଅଟନ୍ତି ଜଗନ୍ନାଥେ
ସମୟେକ ବଞ୍ଚ ବାବୁ ଦୁଖଏଣ ବନସ୍ତେ ।୧୦ ।
ପାଞ୍ଚଗୋଟି ଭ୍ରାଥ ମାତାଙ୍କୁ ଘଏନି ଛଡ ପ୍ରାଣୀ
ଯେକ ଆତ୍ମା ହୋଇଥିବ ନୋହିବ ପରାପର ଜାଣି ।୧୧ ।
ମାତାଙ୍କୁ ସେବା କରି ଥିବଟି ବନସ୍ତେ
ଦୁଖଏଣ ସମୟେକ ବାବୁ ବଞ୍ଚ ପଞ୍ଚୁ ଭ୍ରାଥେ ।୧୨ ।
ଯେତେ କହି ପୁଣ କହିଲେ ବିଦୁର
ପୁରଞ୍ଜନ ହାଥେ କିଛି ନ କରିବଟି ଆହାର ।୧୩ ।
ଯୁଝେଷ୍ଠି ବୋଇଲେ ତୁହି ଯେ ଆମ୍ଭର ପିତା
ତୁହି ସେ ଅଟୁ ଆମ୍ଭନ୍ତ ଧର୍ମ ଯେ ଦେବତା ।୧୪ ।
କହିଣ ବିଦୁର ଗଲେକ ଗହନ ବନସ୍ତେ
ସୁରନଦୀ ତୀରେ ଯେ ତ୍ରିଶିରା ପର୍ବତେ ।୧୫ ।
----------------------------
୩ ।୨ ରାତ୍ରେ ଭୀମସେନ ଜଉଘରେ ଉଭାରି (ପା)
୪ ।୨ ଆପଣାର ଲୋକ ବୋଲି ମିଳିଲେ କତିରେ ।
ବିମ୍ବରେ ପଶିଲେ ଯାଇ ମହା ନିଶାକାଳେ
ଦେଖିଲେ ବିମ୍ବର ଯେ ବିସ୍ତାର ନବ ତାଳେ ।୧୬ ।
ଦେଖିଲେ ବିଦୁରେ ବିମ୍ବର ଅତିହି ବିସ୍ତାର
ବରଷକେ ହୋଇଲାଣି ପାଞ୍ଚଯୋଜନ ଦୂର ।୧୭ ।
ଅନେକ ଧନରତ୍ନ ଦିଲେ ଯେ ଟସ୍କରକୁ
ତୋହୋର ଉପୁଗାର ମୁଂ କହିବି କାହାକୁ ।୧୮ ।
ଯେତେ ବୋଲି ବିଦୁରେ ଯେ ବାହାର ହୋଇଲେ
ସୁରନଦୀ କୂଳ ନାବ ବାହୁକ କହିବ୍ରତକୁ ଦେଖିଲେ ।୧୯ ।
ନାବ ଗୋଟି କୂଳେ ଲଗାଇ ବସିଅଛି କଣ୍ଡୟାର
ରାତ୍ରେ ଜନ ଅଇଲେ କରି ଦିୟେ ପାର ।୨୦ ।

ବିଦୁରେ ବୋଇଲେ ରେ କେବଣ ତୁ ଜାତି
ଯେ ବନ ନଦୀ କୂଳେ କି-  ବସିଲୁ ନିଶାରାତି ।୨୧ ।
ମୁଂ ଦେବ ନିଷାଦ ଅଟଇ କଇବ୍ରତ
ନାବରେ ବସାଇ ପାର କରଇ ଜନମାନନ୍ତ ।୨୨ ।
ପଣେ ବୋଡିୟେ ଯେ ଗଣ୍ଡାୟେ ଆଦି କରି
ୟେଣେ ବ୍ରତଇ ମୁଂ ଜୀବନ ଆହାରି ।୨୩ ।
ବିଦୁରେ ବୋଇଲେ ଏ ମାନ ଗୋବିନ୍ଦର ରାଜ୍ୟ
ସମସ୍ତ ଜନେ ୟେଥେଂ ବ୍ରତନ୍ତି ଅଇଶ୍ବର୍ଯ୍ୟଷ ।୨୪ ।
ତୋହୋର ପରାୟେକ କଷ୍ଟି ଲୋକ ୟେଥି ନାହିଂ
କେତେ ଦିନ ବଞ୍ଚିବୁ ତୁ ଜଳଚର ହୋଇ ।୨୫ ।
ନାବ ଗୋଟି ବୁଡାଇ ତୁ ଆସ ହୋ କଇବ୍ରତ
ୟେ ତର ପଡୁ ଲୋକେ ନୋହନ୍ତୁ ୟେଥେ ଆତଯାତ ।୨୬ ।
ବିଦୁର ବଚନେ ନାବ ବୁଡାଇଲା କଣ୍ଡେୟାର
କଇବ୍ରତକୁ ଘେନି ତହୁଂ ଗଲେକ ବିଦୁର ।୨୭ ।
ଭଣ୍ଡାର ଫେଡିଣ ତାହାକୁ ଦିଲେ ଅନେକ ଧନ
ଆପଣାର ପୁରେ ତାକୁ କଲେକ ଗୋପ୍ୟାନ ।୨୮ ।
ବିଦୁର ପ୍ରସନ୍ନେ ତାର କଷ୍ଟ ପାରଗଲା
ଦିନେ ସେ କଣ୍ଡେୟାର ବିଦୁରଙ୍କୁ ପଚାରିଲା ।୨୯ ।
ୟେତେ ଧନ ଦିଲେ ମୋତେ ଭଣ୍ଡାର ଫେଡି
ମୁହିଂ ଛାର ହୀନ ତୋତେ କଉଂଗୁଣେ ହୋଇବି ଉପୁଗାରୀ ।୩୦ ।
ବିଦୁରେ ବୋଇଲେ ତୁ ଅଟୁ ଯେ ମହତ
ତୋହୋର କାରଣ ମତେ ଅଛଇ ବହୁତ ।୩୧ ।
କଇବ୍ରତ ହସ୍ତ ଧରି ନେଲେ ନିଶାକାଳେ
ବିମ୍ବର ସନ୍ନ ଧ୍ୟେ ହୋଇଲେ ରାତ୍ରକାଳେ ସୁରନଦୀ କୂଳେ ।୩୨ ।
ବିଦୁରେ ବୋଇଲେ ତୁ ୟେହିଠାରେ ଜଗି ବସିଥିବୁ
ଦିବସେ ନାବ ଗୋଟି ପାଣିରେ ବୁଡାଇବୁ ।୩୩ ।
ରାତ୍ରେଣ ପାଣିରୁ କାଢି ରଖିବୁ ବିମ୍ବର ଦ୍ଵାର
ବିମ୍ବରୁ ଯେ ଆସଇ ତାଙ୍କୁ କରିଣ ଦେବୁ ପାର ।୩୪ ।
ପାରି କରି ଦେବୁ ସୁରନଦୀର ପଛିମ କୂଳକୁ
ତେତେବେଳେ ଯାଇ ବାରତା କହିବୁ ଆମ୍ଭଙ୍କୁ ।୩୫ ।
ବିଦୁର ବଚନେ ସେ ନିଷାଦ କଇବ୍ରତ
ନାବ ଘେନି ଜଗି ବସିଲା ସେ ସୁରନଦୀ ତଟ ।୩୬ ।
ଦିବସେ ନାବ ଗୋଟି ବୁଡାଇ ଘରେ ଥାଇଂ ଯାଇଂ
ରାତ୍ରେ ପାଣି ନିଗାଡି ବିମିବର ଦ୍ଵାରକୁ ଯାଏ ବାହି ।୩୭ ।
ବିମିବର ଖୋଳିଲା ଯଏ ଟସ୍କର ଖଲ୍ୟକାର
ବିମ୍ବରେ ନିର୍ବାଣ ହୋଇଲା ବରଷେ ୟେଗାର ।୩୮ ।
ମୀନମାସ ଶୁକଳ ପକ୍ଷ ଦଶମୀର ନିଶି
ଭୌମବାର ଅଶ୍ଳେଷା ଅନ୍ତରେ ଭୋଗ ମଘା ସିଂଘ ରାଶି ।୩୯ ।
ସୁକର୍ମା ନାମେ ଯୋଗ ବାଣିଜ୍ୟ ନାମେ କରଣ
ରାତ୍ର ନବ ଘଡି ମାନେ ଫିଟିଲା ବିମ୍ବର ଜଦୁଘର ଉତ୍ତର କଣ ।୪୦ ।
ସେହି ଠାବରେ ଶୋଇଥିଲା ବୀର ଯେ ଅର୍ଜୁନ
ଧାଡିକାରେ ଚିଆଇଂ ଉଠିଲା ସେ ବାସବର ନାନ ।୪୧ ।
କେ ରେ କେ ରେ ବୋଲିଣ ଦରାଣ୍ଡିଲା ରାଗେ
ବାମ କରେ ଟସକର କେଶ ଧଇଲାକ ବେଗେ ।୪୨ ।

ବୋଇଲା ଖଲ୍ୟକାର ମୋତେ ଛାଡ ବୀର ପାର୍ଥ
ବିଦୁର ଆଗ୍ୟାଂୟେ ମୁଂ ତୁମ୍ଭର କାର୍ଯ୍ୟେ ହିତ ।୪୩ ।
ୟେସନେକ ବଚନ ଶୁଣିଣ କିରୀଟୀ
ତତକ୍ଷଣେ ଟସ୍କରର ଛାଡିଲେ କେଶ ଗୋଟି ।୪୪ ।
ଆଶ୍ୱାସନା କରିଣ ସେ ବାସବର ସୁତ
କଡିରେ ବସାଇ ବାରତା ପୁଛଇ ତୁରିତ ।୪୫ ।
କଡିରେ ବସି କରି ଯେ କହଇ ଚଉର୍ଯ୍ୟ
ୟେହି ବିମ୍ୱରେ ପଶି ତୁମ୍ଭେ ଯିବ ଦେବରାଜ ।୪୬ ।
ଦ୍ୱାଦଶ ବରଷକୁ ମୋତେ ଅନେକ ଧନ ଦେଇ
ବିଦୁରଙ୍କ ଆଗ୍ୟାଂୟେ ମୁଂ ବିମ୍ୱର ଭିଆଇ ।୪୭ ।
ଅର୍ଜୁନ ତୋଳିଲା ଯୁଝେଷ୍ଠି ଦେବ ଠାକୁରଙ୍କୁ
ଯୁଝେଷ୍ଠି ହକାରିଲେ ଯେ ଭୀମସେନକୁ ।୪୮ ।
ୟେ ବିମ୍ୱର ଭିତରେ ଯାଇ ପଶନିରେ ମାରୁତି
କେତେ ଥଳ କେତେ ଦୀର୍ଘ କେତେ ଉଚ୍ଛର୍ଗ ଯେ ପ୍ରତି ।୪୯ ।
ଯାଇ ପାରିବାଟି କି ୟେ ବିମ୍ୱରେଣ ପଶି
ଆଗ୍ୟାଂୟେ ବ୍ରିକୋଦର ଗଲାକ ମହାନିଶି ।୫୦ ।
ବାଉନ ବାଉନ ଗଦାଭାର ବେନି ହାଥେ
ବିମ୍ୱର ଭିତରେ ମାରୁତି ଗମଇ ଉଷତେ ।୫୧ ।
ଉର୍ଦ୍ଧ୍ୱ ବାହୁ କରି ବେନି ହାଥ ତୋଳି ଗଲା
ଆକାଶ ପ୍ରାୟେ ହୋଇ ସେ କାହିଂ ନ ଲାଗିଲା ।୫୨ ।
ୟେଗାର ଯୋଜନା ବିମ୍ୱର ଖେଦଇ ବ୍ରିକୋଦର
ପ୍ରବେଶ ମାରୁତି ଯାଇ ସୁର ନଦୀର ଯେ ତୀର ।୫୩ ।
ବାହୁଡା ବେଳକୁ ମାରୁତି ବିସ୍ତାରିଲା ବେନି କରପତ୍ର ।୫୪ ।
ବିଚାରଇ ମାରୁତି ୟେଥି ସାଂଗ୍ରାମ ପଡିଲେ
ଯୁଦ୍ଧକୁ ଠାବ ଯେ ହୋଇବଟିକି ଦୁଇ ଭୁଜ ଆଡ୍ରେଷିଲେ ।୫୫ ।
ଗଦା ବୁଲାଇ ଯଏ ଦୁଇ କରେ ବୀର
ଗଦା କାହିଂ ନ ହାବୋଡିଲା ପାତାଳ ବିମ୍ୱର ।୫୬ ।
ଭୀଷ୍ମ ରୂପ ଧରିଣ ଯେ ବ୍ରିକୋଦର ଗଲା
ଜଦୁର ଘରେ ଯାଇଂ ଯୁଝେଷ୍ଠି ଦେବଙ୍କୁ କହିଲା ।୫୭ ।
ବତାଇଂ ଆଶ୍ରିଯ ଦେବ ୟେ ଟସକର କଥା
ଦେବଙ୍କୁ ଅବକ୍ୟ ୟେ ଅସମ୍ଭବ ବଳବନ୍ତା ।୫୮ ।
ଯେବଣ ବିମ୍ୱର ୟେ ସ- ।ଦିଲା ଟସକର
ମଞ୍ଚ ସ୍ୱର୍ଗ ପ୍ରାୟେ ଦେବ କିଛି ନାହିଂ ଯେ ଅନ୍ତର ।୫୯ ।
ଶୁଣିଣ ଯୁଝେଷ୍ଠି ଦେବ ପରମ ସାନନ୍ଦ ଚିତ୍ତେ
ଟସକରକୁ ଅନେକ ରତ୍ନ ଦିଲେ ଜଦୁଘରେ ଥିଲା ଯେତେ ।୬୦ ।
ତୁ ଆମ୍ଭ ନିମିତ୍ତେ ଯେତେ କଷ୍ଟ ପାଇଲୁ ଖଲ୍ୟକାର
ଧର୍ମେଣ ରାଜ୍ୟ ପାଇଲେ ତୋହୋର କରିବୁ ଉପୁଗାର ।୬୧ ।
ଟସକର ବୋଇଲା ଦେବ ବିଦୁର ମାହାତ୍ମା ହିଂ ଥିଲେ
ତୁମ୍ଭନ୍ତ ପଞ୍ଚୁ କଟକ ପ୍ରାପତ ହୋଇବ ଭଲେ ।୬୨ ।
ନାମଗିରି ନାମେ ଯେ ପର୍ବତ ଗୋଟାୟେ
ବିମ୍ୱର ଦ୍ୱାରେଣ ନେଇ ଭୀମ ଚାପିଣ ଗୋପ୍ୟ କୟେ ।୬୩ ।
ଖଲ୍ୟକାର ଗଲା ଯେ ବିଦୁର ସନ୍ନିଧାନେ
ବିମ୍ୱର ପରିକ୍ଷ କଲେ ପାଣ୍ଡବ ଭୀମସେନେ ।୬୪ ।
ଶୁଣିଣ ବିଦୁର ଯେ ଅନେକ ସାନନ୍ଦେ

ଖଲ୍ୟକାରକଇ ବହୁତ ଧନ ଦିଲେକ ଆନନ୍ଦେ ।୬୫ ।
ସେହି ରାତ୍ରେ ସେ ଟସ୍କରକୁ ତୁଲେ ଘେନି
ଜଦୁର ଘରେ ପ୍ରବେଶ ଦିବା ଅନ୍ତେଣ ରୟଣୀ ।୬୬ ।
ପ୍ରବେଶ ହୋଇଲେ ଯାଇଂ ଜଦୁର ଘରେଟି
ପ୍ରତକ୍ଷେ ଭେଟିଲେ ଯାଇଂ ଧର୍ମରାଜା ଯୁଝେଷ୍ଠି ।୬୭ ।
ବୋଲନ୍ତି ମୁଂ ତ ସଞ୍ଚିଲି ୟେସନେକ ସନ୍ଦେହେ
ଧର୍ମେ ୟେଥୁଂ ପାର ହୋଇଥାଅ ସମୟେକ ବାଭିୟେ ।୬୮ ।
ଯେମନ୍ତ ବାବୁ ରେ ତୁମ୍ଭଙ୍କୁ ନ ଜାଣନ୍ତି ଆନ ଜନେ
ବରଷ କେତେ ରହ ଯାଇ ଅଗମ୍ୟ ଘୋର ବିପୁନ୍ୟେ ।୬୯ ।
ଜାଣିମା ଧୃତରାଷ୍ଟ କେମନ୍ତ କଥା ଧରଇ ହୃଦେ
କେମନ୍ତେ ବିଚାରଇ ସେ ବିଷାଦ କି ଆନନ୍ଦେ ।୭୦ ।

------------------------------

୬୯ ।୨ ବିପୁନ୍ୟେ - ବିପିନେ

ପରମ ଆଷ୍ୟ ତୁମ୍ଭେ ହୋଅ ପାଞ୍ଚୁ ଭାଇ
ବରଷେ କେତେ ବାବୁ ତୁମ୍ଭର ଆମ୍ଭର ଭେଟା ଭେଟି ନାହିଂ ।୭୧ ।
ମୋହୋର ଆଇଷ୍ୟ ଘେନି ବ୍ରତି ଥାଅ ଭଲେ
ଅଇରି ଦର୍ପ ଗଞ୍ଜିବ ବନସ୍ତେ ଭେଟିଲେ ।୭୨ ।
ୟେତେ ବୋଲିଣ ସନ୍ନିଧେ ରାଇଲେ ଭୀମକୁ
ବାବୁ କଷ୍ଟ କର୍ମ କରି ଧରିଥିବୁ ଶରୀରକୁ ।୭୩ ।
ବାବୁରେ ବମସ୍ତେ ପଶନ୍ତେ ହୋଇବ ଅନେକ କଷ୍ଟ ଦୁଖ
ଶରୀର ରକ୍ଷଣ ନିମନ୍ତେ ଯାଇ ମାଗିବଟି ରେ ଭିଖ ।୭୪ ।
ଅଳପ ସମୟେଟି ବାବୁ କର୍ମର ବିପଦ
ତହୁଂ ଅଇଲେଟି ପ୍ରାପତ ହୋଅଇ ସିନା ରାଜ୍ୟ ସଂପଦେ ।୭୫ ।
ୟେତେକ ତିଆରିଣ ଯେ ଗଲେକ ବିଦୁର
ତୁରେଣ ଗୋଡାଇଅଛି ଖଲ୍ୟକାର ଟସକର ।୭୬-୬୫୮୨ ।

--------------